# ଧର୍ମାନ୍ତରୀକରଣ ପ୍ରସଙ୍ଗ- ଆଡ୍‌ଭାନୀଙ୍କ ଆତବାୟାମି

ଯେତେବେଳେ କନ୍ଧମାଳରେ ଉଗ୍ର ହିନ୍ଦୁତ୍ୱର ଧ୍ୱନି ଦେଇ କିଛି ଦୁର୍ବୃତ୍ତ ନାହିଁନଥିବା ହିଂସା ଘଟାଇ ସମଗ୍ର ଖ୍ରୀଷ୍ଟିୟାନ୍ ସଂପ୍ରଦାୟକୁ ନିଶ୍ଚିହ୍ନ କରିଦେବାକୁ ବସିଛନ୍ତି, ଠିକ୍ ସେହି ସମୟରେ ବି.ଜେ.ପି. ସଭାପତି ଓ ସଂସଦର ବିରୋଧୀଦଳ ନେତା ଶ୍ରୀ ଲାଲକୃଷ୍ଣ ଆଡ୍‌ଭାନୀ ଓଡିଶା ଆସି ଧର୍ମାନ୍ତରୀକରଣ ପ୍ରସଙ୍ଗରେ ଏମିତି କେତେକ ମନ୍ତବ୍ୟ ଦେଇଛନ୍ତି, ଯାହାକି ନିଆଁରେ ଘିଅ ଢାଳିବା ଭଳି । ଏହା ଏକ ଦୁଃଖଦ ବିଡମ୍ବନା ଯେ, ଆଡ୍‌ଭାନୀ ଯେଉଁଦିନ, ଅର୍ଥାତ୍ ୨୪ ସେପ୍ଟେମ୍ବରରେ ଭୁବନେଶ୍ୱର ଆସି ଦଙ୍ଗା ମୁକାବିଲା କରିବା କ୍ଷେତ୍ରରେ ରାଜ୍ୟସରକାରଙ୍କୁ ସାବାସି ଦେଇଗଲେ, ସେବେଠାରୁ କନ୍ଧମାଳରେ ଦୁର୍ବୃତ୍ତମାନେ ସଂଖ୍ୟାଲଘୁ ଗୋଷ୍ଠୀଙ୍କ ଉପରେ ଅଧିକ ରକ୍ତମୁଖା ହୋଇଉଠିଛନ୍ତି । ଆଡ୍‌ଭାନୀଙ୍କ ମନ୍ତବ୍ୟ ଉପରେ ଆଲୋଚନା କରିବା ପୂର୍ବରୁ ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗ ଉପରେ ଗଣମାଧ୍ୟମଗୁଡ଼ିକର ଉଦ୍ଭଟ ମାନସିକତା ବିଷୟରେ କିଞ୍ଚିତ ସୂଚନା ଦେବା ସମୀଚୀନ ମନେହୁଏ । ଏହି ଲେଖକର ମତ, ଆଡ୍‌ଭାନୀଙ୍କ ବକ୍ତବ୍ୟକୁ ଠିକ୍ ରୂପେ ବୁଝିବା ଏବଂ ପରିବେଷଣ କରିବା ପାଇଁ ଜାତୀୟ ସ୍ତରର ପ୍ରମୁଖ ସମ୍ବାଦପତ୍ରମାନେ ଆବଶ୍ୟକ ମତେ ଯତ୍ନବାନ୍ ହୋଇନାହାନ୍ତି । ନହେଲେ ଆଡ୍‌ଭାନୀଙ୍କର ଗୋଟିଏ ଅଭିମତକୁ ଦୁଇଟି କାଗଜ ପୁରା ଅଲଗା ଅଲଗା ଅର୍ଥରେ ଉପସ୍ଥାପନ କେମିତି କରିଥାନ୍ତେ ! ଉଦାହରଣ ସ୍ୱରୂପ, ଟାଇମ୍‌ସ୍ ଅଫ୍ ଇଣ୍ଡିଆ ତା'ର ୨୫ ସେପ୍ଟେମ୍ବର ଭୁବନେଶ୍ୱର ସଂସ୍କରଣରେ ସଂପୃକ୍ତ ସମ୍ବାଦର ଶିରୋନାମା କରିଛି, 'ଆଡ୍‌ଭାନୀ ଧର୍ମ ପରିବର୍ତ୍ତନ ଉପରେ ବାରଣ ଚାହାଁନ୍ତି', କିନ୍ତୁ ୨୬ ତାରିଖର 'ହିନ୍ଦୁ' ସେହି ଏକା ସମ୍ବାଦର ଶିରୋନାମା ଦେଇଛି, 'ଧର୍ମ ପରିବର୍ତ୍ତନ ଉପରେ ନିଷେଧ ପ୍ରସ୍ତାବକୁ ଆଡ୍‌ଭାନୀଙ୍କ ପ୍ରତ୍ୟାଖ୍ୟାନ' । ଏଥିରୁ ମନେହୁଏ, ସମ୍ବାଦପତ୍ରର ପ୍ରତିନିଧିମାନେ କୌଣସି ପ୍ରସଙ୍ଗ ଉପରେ ସମ୍ବାଦ ପରିବେଷଣ କଲାବେଳେ ସତ୍ୟନିଷ୍ଠତା ଅପେକ୍ଷା ନିଜର ବ୍ୟକ୍ତିଗତ, ଜାତିଆଣ ଓ ଧାର୍ମିକ ବିଶ୍ୱାସକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି । ଫଳତଃ ଆଡ୍‌ଭାନୀଙ୍କ ସହିତ ମିଶି ଏହି କାମଳ-ପୀଡିତ ସାମ୍ବାଦିକମାନେ ମଧ୍ୟ ଜଳନ୍ତା ନିଆଁରେ ଆଉ ଟିକେ ଘିଅ ଢାଳି ଦେଉଛନ୍ତି । ଏହି ଲେଖକ ବିଭିନ୍ନ କାଗଜରେ ପ୍ରକାଶିତ ଆଡ୍‌ଭାନୀଙ୍କ ମନ୍ତବ୍ୟକୁ ତୁଳନାତ୍ମକ ଦୃଷ୍ଟିରୁ ପଢିଲା ପରେ ଧରିନେଇଛି ଯେ, 'ହିନ୍ଦୁ' ଦୈନିକରେ ସ୍ଥାନିତ ହୋଇଥିବା ସମ୍ବାଦ ଅଧିକ ନିର୍ଭରଯୋଗ୍ୟ । ଭାରତ ଭଳି ଏକ ଦେଶରେ ଧର୍ମାନ୍ତରୀକରଣକୁ ଆଇନ୍ ବଳରେ ନିଷେଧ କରିବା ସମ୍ଭବ ନୁହେଁ ବୋଲି ଆଡ୍‌ଭାନୀ ସ୍ୱୀକାର କରିଥିଲେ ହେଁ ସେ ଏମିତି କେତେକ ସଂଶୟ ଓ ପ୍ରଶ୍ନ ଛିଡା କରାଇଛନ୍ତି, ଯାହା ଫଳରେ ମନେ ହେବ, ସେ ସମ୍ବିଧାନରେ ପ୍ରଦତ୍ତ ଧାର୍ମିକ ସ୍ୱାଧୀନତା ପାଇଁ ନାଗରିକମାନଙ୍କ ମୌଳିକ ଅଧିକାର ଉପରେ ଅଙ୍କୁଶ ଲଗାଇବାକୁ ଚାହାଁନ୍ତି ।

## ମହାତ୍ମା ଗାନ୍ଧିଙ୍କ ମତ

ଆଡ୍‌ଭନୀ କହିଛନ୍ତି, ମହାତ୍ମା ଗାନ୍ଧି ଧର୍ମାନ୍ତରୀକରଣକୁ ବିରୋଧ କରୁଥିଲେ । କିନ୍ତୁ ଏହା ଜଣାଶୁଣା ଯେ, ଗାନ୍ଧିଙ୍କ ଜୀବନ ଓ ରଚନାବଳୀର ଏକ ସୁଦୃଶ୍ୟ ବୈଶିଷ୍ଟ୍ୟ ହେଲା, ଯେ କୌଣସି ପ୍ରସଙ୍ଗ ଉପରେ ସେ ବିଭିନ୍ନ ସମୟରେ ଭିନ୍ନଭିନ୍ନ, ଏପରିକି ପରସ୍ପର ବିରୋଧୀ ମତ ପ୍ରକାଶ କରିଥାନ୍ତି । ଧର୍ମାନ୍ତରୀକରଣ ସମ୍ବନ୍ଧରେ ଆଡ୍‌ଭାନୀ ନିଜକୁ ସୁହାଇବା ଢଙ୍ଗରେ ଗାନ୍ଧିଙ୍କୁ ପଢିଛନ୍ତି ଓ ନିଜର ସଂକୀର୍ଣ୍ଣ ହିନ୍ଦୁତ୍ୱବାଦ ସପକ୍ଷରେ ଗାନ୍ଧିଙ୍କ ନାମକୁ ବ୍ୟବହାର କରୁଛନ୍ତି । କିନ୍ତୁ ସେ କ'ଣ ଜାଣିନାହାନ୍ତି, ଇଂଲଣ୍ଡରେ ୧୯୩୧ରେ ଅନୁଷ୍ଠିତ ଦ୍ୱିତୀୟ ଗୋଲ୍‌ଟେବୁଲ୍ ବୈଠକରେ ଗାନ୍ଧି କଂଗ୍ରେସ୍‌ର ଏକମାତ୍ର ପ୍ରତିନିଧି ରୂପେ ଯୋଗଦେଇ ସଂଖ୍ୟାଲଘୁ କମିଟି ସାମନାରେ ୧୩ ନଭେମ୍ବରରେ ଆମ୍ବେଦକର୍ ଓ ଅନ୍ୟ ଭାରତୀୟ ନେତାମାନଙ୍କ ଉପସ୍ଥିତିରେ ଠିକ୍ ଏହି ପ୍ରସଙ୍ଗ ଉପରେ କ'ଣ କହିଥିଲେ ? ଆମ୍ବେଦକରଙ୍କ ଦଳିତମାନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ପ୍ରସ୍ତାବକୁ ଦୃଢ ବିରୋଧ କରିବାକୁ ଯାଇ ଗାନ୍ଧି କହିଥିଲେ, "ଯଦି ଅସ୍ପୃଶ୍ୟମାନେ ନିଜେ ଇଚ୍ଛା କରି ଇସ୍‌ଲାମ୍ ବା ଖ୍ରୀଷ୍ଟଧର୍ମ ଗ୍ରହଣ କରନ୍ତି, ମୋର କିଛି ଆପତ୍ତି ନାହିଁ । ମୁଁ ଏହା ମାନିନେବି, କିନ୍ତୁ ପ୍ରତି ଗାଁରେ ଲୋକମାନେ ଦୁଇଭାଗରେ ବିଭକ୍ତ ହୋଇଗଲା ପରେ ହିନ୍ଦୁଧର୍ମ ପାଇଁ ଯେଉଁ ପରିସ୍ଥିତି ଉପୁଜିବ, ତାହା ମୁଁ ସହ୍ୟ କରିପାରିବି ନାହିଁ"। ଏକଥା ସତ ଗାନ୍ଧି ଭାବପ୍ରବଣ ହୋଇ ଅନେକ ସମୟରେ କହିଛନ୍ତି, "ମୋର ଧର୍ମ ମୋ ମା ଭଳି; ଯେମିତି ମୁଁ ନିଜର ମା'କୁ ବଦଳାଇ ପାରିବିନି, ସେମିତି ମୋର ଧର୍ମକୁ ବଦଳାଇ ପାରିବିନି" । କିନ୍ତୁ ବିସ୍ମୟ ଲାଗିପାରେ, ଗୋଲ୍‌ଟେବୁଲ୍ ବୈଠକରେ ଉପରୋକ୍ତ ଭାଷଣ ପ୍ରସଙ୍ଗରେ ଏକଥା ମଧ୍ୟ ଗାନ୍ଧି କହିଥିଲେ, "ଯଦି ଅସ୍ପୃଶ୍ୟତା ଜୀଇଁ ରହେ ମୁଁ ବରଂ ଚାହିଁବି ହିନ୍ଦୁ ଧର୍ମ ଖତମ୍ ହୋଇଯାଉ" । ସୁତରାଂ ଆଡ୍‌ଭାନୀ ନିଜର ସଂକୀର୍ଣ୍ଣ ମତାନ୍ଧତାକୁ ସାବ୍ୟସ୍ତ କରିବା ପାଇଁ ଗାନ୍ଧି ଉକ୍ତିକୁ ମନମୁଖୀ ଉଦ୍ଧାର ଓ ବ୍ୟବହାର କରିବାର ଶସ୍ତା ପ୍ରବଣତାରୁ କ୍ଷାନ୍ତ ହୁଅନ୍ତୁ । ଏହାଛଡା, ଧର୍ମାନ୍ତରୀକରଣ ଉପରେ କଂଗ୍ରେସ୍ ଭିତରେ ବିଭିନ୍ନ ନେତାମାନଙ୍କର ବିଭିନ୍ନ ମତ ଥିଲା । ସେତେବେଳକାର ଜଣେ ତୁଙ୍ଗ ରକ୍ଷଣଶୀଳ ଗାନ୍ଧିବାଦୀ କଂଗ୍ରେସ୍ ନେତା ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ଧର୍ମାନ୍ତରୀକରଣ ସପକ୍ଷରେ ନାଗପୁରରେ ଅନୁଷ୍ଠିତ ଏକ ସଭାରେ କହିଥିଲେ, "ଯେଉଁ ଭାରତୀୟ ମାନେ ଖ୍ରୀଷ୍ଟିଆନ୍ ହେଉଛନ୍ତି, ସେମାନେ ସଙ୍ଗେସଙ୍ଗେ ସ୍କୁଲ୍‌କୁ ଯିବା ଆରମ୍ଭ କରୁଛନ୍ତି । ଭାରତର ବହୁ ସ୍ଥାନରେ ପୁରା ଗାଁର ଲୋକେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଛନ୍ତି ଏବଂ ଏହାଫଳରେ ସେମାନେ ସଙ୍ଗେସଙ୍ଗେ 'ଦଳିତ ଜାତି'ର ସ୍ଥିତିରୁ ମୁକ୍ତି ପାଉଛନ୍ତି । ଆପଣମାନେ ନିଜେ କ'ଣ ଦେଖୁନାହାନ୍ତି ଯେ, ଯେଉଁ ଅସ୍ପୃଶ୍ୟମାନେ ଗାଁର କୂଅରୁ ପାଣି କାଢି ପାରୁନଥିଲେ, ସେମାନେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହେବା ପରେପରେ ଗାଁର କୂଅକୁ ବ୍ୟବହାର କରିପାରୁଛନ୍ତି ? ସୁତରାଂ ଭାରତର ସାମାଜିକ ବ୍ୟବସ୍ଥାରେ ସୁବୁଠୁଁ ତଳେ ଓ ଅନ୍ଧକାରରେ ପଡି ରହିଥିବା ଲୋକେ ଖ୍ରୀଷ୍ଟଧର୍ମ ଗ୍ରହଣ କରିପାରିଲେ ଏ ପ୍ରକାର ସୁବିଧାମାନ ହାସଲ କରିପାରିବେ "*(ଦ୍ରଷ୍ଟବ୍ୟ: ଚନ୍ଦ୍ରା ମାଲାମ୍‌ପଲ୍ଲୀଙ୍କ ଔପନିବେଶିକ ଦକ୍ଷିଣଭାରତରେ ଖ୍ରୀଷ୍ଟିଆନ୍ ଏବଂ ସାଧାରଣ ଜୀବନଯାତ୍ରା ୧୮୬୩-୧୯୩୭)*।

## ସମ୍ବିଧାନ ସଭାରେ 'ଧର୍ମାନ୍ତରୀକରଣ'

ଆଡ୍‌ଭାନୀ ଏପରି ଧୂମାୟିତ ଢଙ୍ଗରେ ଏକ ଅର୍ଦ୍ଧବାକ୍ୟ ଭିତରେ କଥାଟି କହିଛନ୍ତି ଯେ, ମନେ ହେବ ସମ୍ବିଧାନ ସଭାରେ ଧର୍ମାନ୍ତରୀକରଣକୁ ନେଇ ବିତର୍କ ହୋଇଥିଲା, କିନ୍ତୁ କୌଣସି ସିଦ୍ଧାନ୍ତ ହୋଇପାରିନଥିଲା, ଯେଉଁଥି ପାଇଁ କି ଏବେ ଜାତୀୟ ବିତର୍କ କରିବାର ପ୍ରୟୋଜନ ରହିଛି । କିନ୍ତୁ ତାଙ୍କର ଉକ୍ତି ଏକ ଅର୍ଦ୍ଧସତ୍ୟ, ଯାହାକି ଅସତ୍ୟ ଠାରୁ ଅଧିକ ମାରାତ୍ମକ । ଏହି ପ୍ରସଙ୍ଗ ଉପରେ ଏକ ପ୍ରଲମ୍ବିତ ବିତର୍କ ହେଲାପରେ ସମ୍ବିଧାନ ସଭା ଏକ ସହମତିରେ ପହଞ୍ଚିଥିଲା ଏବଂ ତାହାହିଁ ବର୍ତ୍ତମାନ ଆମ ସମ୍ବିଧାନର ମୌଳିକ ଅଧିକାର ରୂପେ ଧାରା-୨୫ (ବିବେକର ସ୍ୱାଧୀନତା, ଏବଂ ଧର୍ମ ଗ୍ରହଣ, ଆଚରଣ ଏବଂ ପ୍ରସାରଣ କରିବାର ସ୍ୱାଧୀନତା)ରେ ସ୍ଥାନିତ ହୋଇଛି । ସମସ୍ତ ସଭ୍ୟଙ୍କର ସହମତି ଥିଲା ଯେ, ଧାର୍ମିକ ସ୍ୱାଧୀନତା ଭିତରେ ଧର୍ମ ପରିବର୍ତ୍ତନ କରିବାର ସ୍ୱାଧୀନତା ଅନ୍ତର୍ଭୁକ୍ତ । କିନ୍ତୁ ଏକଥା ସତ, ପ୍ରଲୋଭନ ବଳରେ ଅନୁଷ୍ଠିତ ହେଉଥବା ଧର୍ମାନ୍ତରୀକରଣକୁ ନିଷେଧ କରିବା ପାଇଁ ସମ୍ବିଧାନରେ ବ୍ୟବସ୍ଥା ରହିବା ଉଚିତ୍ ବୋଲି କେତେକ ସଭ୍ୟ ପ୍ରସ୍ତାବ ଦେଇଥିଲେ । କିନ୍ତୁ ଏହି ପ୍ରସ୍ତାବ ବିବଦମାନ ହେବାରୁ ତାହାକୁ ଦୁଇଦୁଇ ଥର ଉପଦେଷ୍ଟା କମିଟିଙ୍କ ବିଚାରବିମର୍ଷ ପାଇଁ ପଠାଯାଇଥିଲା । ସବାଶେଷରେ ୨୫ ଅଗଷ୍ଟ ୧୯୪୭ରେ ଉପଦେଷ୍ଟା କମିଟିର ଅଧ୍ୟକ୍ଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଘୋଷଣା କରିଥିଲେ ଯେ, ପ୍ରଲୋଭନ-ଭତ୍ତିକ ଧର୍ମପରିବର୍ତ୍ତନର ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟମାନେ ଆବଶ୍ୟକ ମତେ ଆଇନ୍ ପ୍ରଣୟନ କରିପାରନ୍ତି, କିନ୍ତୁ ସେଥିପାଇଁ ସମ୍ବିଧାନରେ କୌଣସି ପ୍ରାବ୍‌ଧାନ ଭର୍ତ୍ତି କରିବା ଜରୁରୀ ନୁହେଁ *(ଦ୍ରଷ୍ଟବ୍ୟ- ସମ୍ବିଧାନ ସଭା ବିତର୍କ, ତୃତୀୟ ଖଣ୍ଡ)* । ପୁଣି, ଆଡ୍‌ଭାନୀ ଅତ୍ୟନ୍ତ ସୁଚତୁର ହୋଇ ସମ୍ବିଧାନ ଚିଠା କମିଟିର ଅଧ୍ୟକ୍ଷ ଡକ୍ଟର ଆମ୍ବେଦକରଙ୍କ ନାଁ ଉଚ୍ଚାରଣ କରିବାକୁ ଏଡାଇ ଯାଇଛନ୍ତି, କାରଣ, ସେ ଭଲଭାବେ ଜାଣିଛନ୍ତି, ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦା ପାଇଁ ଧର୍ମ ପରିବର୍ତ୍ତନ କରିବାର ଅଖଣ୍ଡ ସ୍ୱାଧୀନତା ପ୍ରତି ମଣିଷର ରହିବା ଉଚିତ୍ ବୋଲି ଆମ୍ବେଦ୍‌କର ମୂଳରୁ ଶେଷ ଯାଏଁ ଆପୋଷହୀନ ଭାବେ ଲଢେଇ କରିଥିଲେ ଓ ନିଜେ ଅଗଣିତ ଦଳିତ ବ୍ୟକ୍ତିଙ୍କ ସହ ମିଶି ପ୍ରକାଶ୍ୟରେ ହିନ୍ଦୁଧର୍ମକୁ ବର୍ଜନ କରିଥିଲେ

ଓ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୯୬୭ ଓ ୧୯୬୮ରେ ଯଥାକ୍ରମେ ଓଡିଶା ଓ ମଧ୍ୟପ୍ରଦେଶରେ ଧାର୍ମିକ ସ୍ୱାଧୀନତା ଆଇନ୍ ପ୍ରଣୀତ ହୋଇଛି, କେବଳ ବଳପ୍ରୟୋଗ ବା ପ୍ରଲୋଭନ ଭିତ୍ତିକ ଧର୍ମାନ୍ତରୀକରଣକୁ ନିୟନ୍ତ୍ରଣ କରିବା ପାଇଁ, ଧାର୍ମିକ ସ୍ୱାଧୀନତା, ଅର୍ଥାତ୍ ଧର୍ମ ପରିବର୍ତ୍ତନ କରିବାର ମୌଳିକ ଅଧିକାରକୁ ସଂକୁଚିତ କରିବା ପାଇଁ ନୁହେଁ । ସୁତରାଂ ଲମ୍ବା ବିତର୍କ ପ୍ରକ୍ରିୟାରେ ଯେଉଁ ଧାର୍ମିକ ସ୍ୱାଧୀନତା ସପକ୍ଷରେ ସମ୍ବିଧାନ ସଭାରେ ସୁଦୃଢ ସହମତି ଆସିପାରିଛି ଓ ଯାହା କି ବର୍ତ୍ତମାନ ସାରା ବିଶ୍ୱରେ ଭାରତର ନୀତି ବୋଲି ସ୍ୱୀକୃତ, ତାକୁ ଆଡ୍‌ଭାନୀ ପୁଣି ଉଖାରିବା କେତେଦୂର ସ୍ପୃହଣୀୟ ?

**ଇଣ୍ଡୋନେସିଆ ଓ ଇରାନ୍ ପ୍ରୀତି**

ଆଡ୍‌ଭାନୀ ପରୋକ୍ଷରେ ଚାହିଁଛନ୍ତି, ଆମ ଦେଶରେ ଧର୍ମାନ୍ତରୀକରଣକୁ ନିଷିଦ୍ଧ କରିବାକୁ ଏବଂ ଏହି ବକ୍ତବ୍ୟ ସପକ୍ଷରେ ଇଣ୍ଡୋନେସିଆର ଉଦାହରଣ ଦେଇଛନ୍ତି , ଯାହାକି ଉଭୟ ତାତ୍ତ୍ୱିକ ଏବଂ ତଥ୍ୟଗତ ଦୃଷ୍ଟିରୁ କେବଳ ଭୁଲ୍ ନୁହେଁ, ବରଂ ବିଭ୍ରାନ୍ତିକର । ଦୁଃଖର ସହିତ କହିବାକୁ ପଡୁଛି, ବାର୍ଦ୍ଧକ୍ୟ-ଜନିତ ସ୍ମୃତିହ୍ରାସ ଯୋଗୁଁ ତାଙ୍କର ଏପରି ଅପଳାପ ଘଟିଥାଇପାରେ । ପ୍ରଥମତଃ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହୋଇଥିବା ବେଳେ ଇଣ୍ଡୋନେସିଆ ହେଉଛି ଏକ ଧାର୍ମିକ ରାଷ୍ଟ୍ର, ଯେଉଁଠି ପ୍ରତି ନାଗରିକଙ୍କୁ ଗୋଟିଏ ପରମେଶ୍ୱରରେ ବିଶ୍ୱାସ କରିବାକୁ ପଡିବ; ସୁତରାଂ ଜଣେ ନାସ୍ତିକ କିମ୍ବା ଅଜ୍ଞେୟବାଦୀ ହେବାର ପ୍ରଶ୍ନ ଉଠୁନାହିଁ । ଏହାଛଡା ସେଠାରେ ରାଷ୍ଟ୍ର ତରଫରୁ ମାତ୍ର ପାଞ୍ଚଟି ଧର୍ମକୁ ସ୍ୱୀକୃତି ଦିଆଯାଇଥାଏ, ଯଥା- ଇସ୍‌ଲାମ୍, କ୍ୟାଥ୍ଲିକ୍, ପ୍ରୋଟେଷ୍ଟାଣ୍ଟ, ବୌଦ୍ଧ ଓ ହିନ୍ଦୁ । ଅନ୍ୟ କୌଣସି ଧର୍ମାବଲମ୍ବୀ ମାନଙ୍କ ପାଇଁ କୌଣସି ରାଷ୍ଟ୍ରୀୟ ସୁବିଧାସୁଯୋଗ ନାହିଁ । ଏ ପ୍ରକାର ସଂକୁଚିତ ଧାର୍ମିକ ଢାଞ୍ଚା ଭାରତବର୍ଷ ପାଇଁ ପ୍ରଯୁଜ୍ୟ ହେବକି ? ତା'ପରେ ଏହା କ'ଣ ସତ୍ୟ ଯେ, ସେଠାରେ ଧର୍ମ ପରିବର୍ତ୍ତନକୁ ନିଷିଦ୍ଧ କରାଯାଇଛି ? ମୋଟେ ନୁହେଁ । 'ଆନ୍ତର୍ଜାତିକ ଧର୍ମ ସମ୍ବାଦ' (ୱାର୍ଲଡ୍-ୱାଇଡ୍ ରେଲିଜିଅସ୍ ନିଉଜ୍)ର ସଦ୍ୟତମ ତଥ୍ୟ ଅନୁଯାୟୀ, ଆଇନ୍ ସ୍ୱୀକୃତ ରୀତିରେ ଧର୍ମାନ୍ତରୀକରଣ ପ୍ରକ୍ରିୟା ଇଣ୍ଡୋନେସିଆରେ ଲାଗିରହିଛି । ପ୍ରତିବର୍ଷ ପ୍ରାୟ ଦଶହଜାର ମୁସ୍‌ଲିମ୍ ଚର୍ଚ୍ଚ ଦ୍ୱାରା ସଂଗଠିତ ସାମାଜିକ ଏବଂ ଦାତବ୍ୟ କାର୍ଯ୍ୟକ୍ରମ ଦ୍ୱାରା ଆକୃଷ୍ଟ ହୋଇ କ୍ୟାଥ୍ଲିକ୍ ଧର୍ମ ଗ୍ରହଣ କରୁଛନ୍ତି ଏବଂ ଅନ୍ୟପକ୍ଷରେ ବେଶ୍ ସଂଖ୍ୟକ ଖ୍ରୀଷ୍ଟିଆନ୍ ମୁସ୍‌ଲିମ୍ ପରିବାରରେ ବିଭା ହେବା ପାଇଁ ଇସ୍‌ଲାମ୍ ଗ୍ରହଣ କରୁଛନ୍ତି । ଏକଥା ସତ, ସେଠାରେ ଧର୍ମପରିବର୍ତ୍ତନ ଆଇନ୍ ସମ୍ମତ ହୋଇଥିଲେ ହେଁ ଘରଘର ବୁଲି ପ୍ରଚାର ମାଧ୍ୟମରେ କିମ୍ବା ଅନ୍ୟ ଧର୍ମାବଲମ୍ବୀଙ୍କ ଉପାସନାସ୍ଥଳକୁ ଯାଇ ଧର୍ମ-ପରିବର୍ତ୍ତନ ପାଇଁ ପ୍ରବର୍ତ୍ତନା ଉପରେ କେତେକ କଟକଣା ଜାରି କରାଯାଇଛି । ଇଣ୍ଡୋନେସିଆ ବିଷୟରେ ଆଡ୍‌ଭାନୀଙ୍କ ସୂଚନା ତ୍ରୁଟିପୂର୍ଣ୍ଣ ହୋଇଥିଲେ ହେଁ ଆମ ଭାରତୀୟଙ୍କୁ ଓ ବିଶେଷକରି ଆଡ୍‌ଭାନୀଙ୍କ ଭଳି ହିନ୍ଦୁତ୍ୱବାଦୀମାନଙ୍କୁ ସେ ଦେଶରୁ ଗୋଟିଏ ଭଲକଥା ଶିଖିବାକୁ ପଡିବ । ସେଠାରେ ମୁସ୍‌ଲିମ୍ ହେଉଛନ୍ତି ସମଗ୍ର ଜନସଂଖ୍ୟାର ଶତକଡା ୮୮.୨ ଭାଗ । ଦଳେ ଉଗ୍ର ଇସ୍‌ଲାମ୍‌ପନ୍ଥୀ ଗତ ଶତାବ୍ଦୀର ଚାଳିଶ ଦଶନ୍ଧି ଠାରୁ ଇଣ୍ଡୋନେସିଆକୁ ଏକ ଇସ୍‌ଲାମିକ ରାଷ୍ଟ୍ର ଭାବେ ଘୋଷଣା କରିବାକୁ ଚାହୁଁଥିଲେ ହେଁ ସାଧାରଣ ମୁସ୍‌ଲିମ୍ ଜନତା ସେହି ଦାବୀକୁ ବିରୋଧ କରିଆସିଛନ୍ତି, ଯାହାଫଳରେ ଇଣ୍ଡୋନେସିଆ ତା'ର ବହୁଧର୍ମୀୟ ଚରିତ୍ର ବଜାୟ ରଖିଆସିଛି । ଆଡ୍‌ଭାନୀ କୌଣସି ଦେଶର ନାମ ନନେଇ ପୁଣି କହିଛନ୍ତି, କେତେକ ଦେଶରେ ଧର୍ମ ପରିବର୍ତ୍ତନ ପାଇଁ ମୃତ୍ୟୁଦଣ୍ଡ ଅଛି । ଆମେ ଜାଣିବାରେ ସେହି ଦେଶ ହେଉଛି ଇରାନ୍, ଯାହାକି ଏକ ଇସ୍‌ଲାମିକ ଧର୍ମତାନ୍ତ୍ରିକ ରାଷ୍ଟ୍ର । କିନ୍ତୁ ଆଡ୍‌ଭାନୀ କ'ଣ ଚାହାଁନ୍ତି, ଭାରତ ଇରାନ୍‌କୁ ଅନୁସରଣ କରିବ ? ଏଠାରେ ସ୍ମରଣୀୟ ଯେ, ଆଡ୍‌ଭାନୀ ୨୦୦୫ରେ ପାକିସ୍ଥାନ ଗସ୍ତ ଅବସରରେ ଧର୍ମନିରପେକ୍ଷତା ଉପରେ ଜିନ୍ନାଙ୍କର ଏକ ମହୋଦାର ବକ୍ତବ୍ୟକୁ ଉଦ୍ଧାର କରିଥିବାରୁ ସଂଘ ପରିବାର ଦ୍ୱାରା ଭର୍ତ୍ସିତ ହୋଇଥିଲେ କିନ୍ତୁ ଏହି ଲେଖକ ସମେତ ସାରା ଦେଶର ବହୁ ବିଚାରବନ୍ତ ଲୋକ ତାଙ୍କୁ ଏଥିପାଇଁ ସ୍ୱାଗତ କରିଥିଲେ । ସେହି ଆଡ୍‌ଭାନୀ ଆଜି ଇଣ୍ଡୋନେସିଆ ଏବଂ ଇରାନ୍ ଭଳି ଧର୍ମତାନ୍ତ୍ରିକ ରାଷ୍ଟ୍ରକୁ ତାରିଫ୍ କରିବା ଅତ୍ୟନ୍ତ ହାସ୍ୟାସ୍ପଦ ମନେହୁଏ । ଏଠାରେ ପୁଣି ସୂଚନା ଯୋଗ୍ୟ ଯେ, ଭାରତ ବିଶ୍ୱ ମାନବାଧିକାର ଘୋଷଣାନାମା, ୧୯୪୮ର ଏକ ସ୍ୱାକ୍ଷରକର୍ତ୍ତା ରାଷ୍ଟ୍ର ଏବଂ ଏହାର ଧାରା ୧୮ରେ ସ୍ଥାନିତ ଧାର୍ମିକ ସ୍ୱାଧୀନତା ଭିତରେ ଧର୍ମ ପରିବର୍ତ୍ତନ କରିବାର ଅଧିକାର ଅନ୍ତର୍ଭୁକ୍ତ ବୋଲି କୁହାଯାଇଛି । ଏହାଛଡା ୧୯୭୯ରେ ଭାରତ ସ୍ୱାକ୍ଷର କରିଥିବା ନାଗରିକ ଏବଂ ରାଜନୈତିକ ଅଧିକାରସମୂହ ଉପରେ ଆନ୍ତର୍ଜାତିକ ରାଜିନାମାର ଧାରା ୧୮ ୭ରେ ଉପରୋକ୍ତ ଅର୍ଥରେ ଧାର୍ମିକ ସ୍ୱାଧୀନତା ପ୍ରତି ଅଙ୍ଗୀକାରକୁ ଦୋହରାଯାଇଛି । ଆଡ୍‌ଭାନୀ କ'ଣ ଚାହାନ୍ତି, ଭାରତ ଏହିସବୁ ଘୋଷଣାନାମାରୁ ନିଜକୁ ପ୍ରତ୍ୟାହାର କରିନେଉ ?

**ରାଜ୍ୟମାନଙ୍କରେ ଧର୍ମାନ୍ତରୀକରଣ ନିୟନ୍ତ୍ରଣ ଆଇନ୍**

ଆଡ୍‌ଭାନୀ କହିଛନ୍ତି, କଂଗ୍ରେସ୍ ଦଳ ଅତୀତରେ ବିଭିନ୍ନ ରାଜ୍ୟରେ ଧର୍ମ ପରିବର୍ତ୍ତନ ନିୟନ୍ତ୍ରଣ ଆଇନ୍‌ମାନ ଚାଲୁ କରିଛି । ଏହା ଏକ ଅର୍ଦ୍ଧସତ୍ୟ । ରାଜସ୍ଥାନରେ ଏହି ଆଇନ୍‌କୁ ୨୦୦୬ ଓ ପୁନର୍ବାର ୨୦୦୮ରେ ଦୁଇଥର କେଉଁ ଦଳର ସରକାର ଗୃହୀତ କରାଇଛି ? ମଧ୍ୟପ୍ରଦେଶ ଧାର୍ମିକ ସ୍ୱାଧୀନତା ଆଇନ୍ ୧୯୬୮କୁ ଅଧିକ କଠୋର କରି ୨୦୦୬ରେ କେଉଁ ଦଳ ସଂଶୋଧନ କରାଇଛି ? ଗୁଜୁରାଟ୍ ଧାର୍ମିକ ସ୍ୱାଧୀନତା ଆଇନ୍ ୨୦୦୩ ଓ ତା'ପରେ ପୁଣି ଏହାକୁ ଅଧିକ କଠୋର କରି ୨୦୦୬ରେ କେଉଁ ଦଳର ସରକାର ଲାଗୁକରିଛି ? ଛତିଶ୍‌ଗଡରେ ଏହି ଆଇନ୍‌କୁ ଅଧିକ କଠୋର କରି ୨୦୦୬ରେ କେଉଁ ଦଳର ସରକାର ସଂଶୋଧନ ଗୃହୀତ କରାଇଛି ? ଆଡ୍‌ଭାନୀ ପୁଣି କହିଛନ୍ତି, ବଳପ୍ରୟୋଗ, ପ୍ରଲୋଭନ ଓ ପ୍ରବଞ୍ଚନା ମାଧ୍ୟମରେ ଧର୍ମ ପରିବର୍ତ୍ତନକୁ ନିଷିଦ୍ଧ କରାଯିବା ଦରକାର । କିଏ ମନା କରୁଛି ? ତାଙ୍କ ଦଳ ତ ଓଡିଶାରେ ବି.ଜେ.ଡି. ସହ ମିଶି ଗତ ୨୦୦୦ରୁ ସରକାର ଚଳେଇ ଆସୁଛି ଏବଂ ଏହି ରାଜ୍ୟରେ ସମସ୍ତ ପ୍ରକାର ଅବୈଧ ଧର୍ମାନ୍ତରୀକରଣକୁ ଦଣ୍ଡିତ କରିବା ପାଇଁ ଆଇନ୍ ମଧ୍ୟ ୧୯୬୭ମସିହାରୁ ମହଜୁଦ୍ ଅଛି । କିନ୍ତୁ ରାଜ୍ୟ ସରକାର ଗତ ୮ବର୍ଷ ଭିତରେ ଗୋଟିଏ ଅବୈଧ ଦୃଷ୍ଟାନ୍ତ ପାଇଛନ୍ତି କି ? ନା । ତେବେ ଆଡ୍‌ଭାନୀଙ୍କ ଦଳ ଓ ତାଙ୍କର ଭ୍ରାତୃପ୍ରତିମ ହିନ୍ଦୁତ୍ୱବାଦୀ ଗୋଷ୍ଠୀ ଅଯଥାରେ ଖ୍ରୀଷ୍ଟିଆନ୍‌ମାନଙ୍କୁ ଦୋଷାରୋପ କରିବାର ମତଲବ୍ କ'ଣ ?

**କନ୍ଧମାଳ ଦଙ୍ଗା**

ଖ୍ରୀଷ୍ଟିଆନ୍‌ଙ୍କ ଉପରେ ଆକ୍ରମଣକୁ ନିନ୍ଦା କରିବା ସହିତ ଆଡ୍‌ଭାନୀ କହିଛନ୍ତି, ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟାର ପ୍ରତିକ୍ରିୟା ସ୍ୱରୂପ କନ୍ଧମାଳ ଓ ଅନ୍ୟ ସ୍ଥାନରେ ଖ୍ରୀଷ୍ଟିଆନ୍‌ଙ୍କ ଉପରେ ହିଂସାକାଣ୍ଡ ଘଟିଗଲା, ଯାହାକି ଦୁର୍ଭାଗ୍ୟଜନକ । କିନ୍ତୁ ବଡ କ୍ଷୋଭର କଥା, ଯେତେବେଳେ ଖୋଦ୍ ରାଜ୍ୟ ସରକାର କହୁଛନ୍ତି ଯେ ମାଓବାଦୀମାନେ ଲକ୍ଷ୍ମଣାନନ୍ଦଙ୍କୁ ହତ୍ୟା କରିଛନ୍ତି ଏବଂ ମାଓବାଦୀମାନେ ଏକାଧିକ ବାର ଏହା ସେମାନଙ୍କର କାର୍ଯ୍ୟ ବୋଲି ସ୍ୱୀକାର କରିସାରିଲେଣି, ସେତେବେଳେ ଆଡ୍‌ଭାନୀ ବିଶ୍ୱହିନ୍ଦୁ ପରଷଦ ଓ ବଜରଙ୍ଗ୍ ଦଳ ସହିତ ସ୍ୱର ମିଳାଇ ଖ୍ରୀଷ୍ଟିଆନ୍ ସଂସ୍ଥା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କାହିଁକି କରୁଛନ୍ତି ? ଲକ୍ଷ୍ମଣାନନ୍ଦ ହତ୍ୟା ଓ ପରବର୍ତ୍ତୀ ଖ୍ରୀଷ୍ଟିଆନ୍-ବିରୋଧୀ ଦଙ୍ଗାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଯେତେବେଳେ ଅନ୍ୟସମସ୍ତ ଦଳ ଓ ଖ୍ରୀଷ୍ଟିଆନ୍ ସଂସ୍ଥାମାନେ ସି.ବି.ଆଇ ତଦନ୍ତ ଦାବୀ କରୁଛନ୍ତି, ଆଡ୍‌ଭାନୀ ଓ ତାଙ୍କ ଦଳ ଏ କ୍ଷେତ୍ରରେ କୁଣ୍ଠିତ କାହିଁକି ? ଏହି ଲେଖକ ମତରେ ଏମିତି ବି ହୋଇପାରେ, ଏକ ସଂଗଠିତ ଖ୍ରୀଷ୍ଟିଆନ୍ ନିଧନ ଯଜ୍ଞର ସୁପରିକଳ୍ପିତ ନକ୍‌ସା ତିଆରି କରି ନିଜେ ହିନ୍ଦୁତ୍ୱବାଦୀମାନେ ନକ୍ସଲପନ୍ଥୀମାନଙ୍କ ସହାୟତାରେ ଲକ୍ଷ୍ମଣାନନ୍ଦଙ୍କୁ ହତ୍ୟା କରିଛନ୍ତି ! ହିଟ୍‌ଲର୍ ୧୯୩୩ରେ ନିଜ ଗୁଣ୍ଡାବାହିନୀ ଦ୍ୱାରା ଜର୍ମାନୀର ସଂସଦଗୃହକୁ ଜଳେଇ କମ୍ୟୁନିଷ୍ଟ ନିଧନ ପାଇଁ ତାଙ୍କର ମହାଭିଯାନ ଆରମ୍ଭ କରିନଥିଲେ କି ?

Chitta Behera, 4A Jubilee Tower, Choudhury Bazar, Cuttack-9, Mobile- 9437577546, Dt- 28 Sept. 2008